# Akashvani, Sambalpur

## SAMBALPURI NEWS EVENING BULLETIN

## 29 March 2025- 7.02 pm- 7.12 pm.

*********************************************

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ବିଚାର୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଆଏବା କାଏଲ୍ କଲାହାଣ୍ଡି ଜିଲ୍ଲା ନ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟ ସର୍‌କାର୍ ଆଏବା ୩ ମାସ୍ ଭିତ୍‌ରେ ଆନ୍‌ବେ 'ସମାନ୍ ଭୂମି ନୀତି' - ସୂଚ୍‌ନା ଦେଲେ ଆଇନ୍‌ମନ୍ତ୍ରୀ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ବଡ଼ଭାଗୀ ଜାଗା ନ ଆଏବା ୨ ଦିନେ ଜବର୍ ଖରା ଲାଗି ରହେବା ।

- ଆଏଜ୍ ସମ୍ବଲ୍‌ପୁର୍ ନ ରାଜ୍ୟର୍ ସବୁନୁ ଜହ ତାତି ୪୨ ଡିଗ୍ରୀ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବାକାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ମ୍ୟାଁମାର୍ - ଭାରତ୍ ସାହାଜ୍   ଆର୍ଏନ୍ୟୁ ସମ୍ବଲପୁର/ଏକ୍ସ

ଭୂମିକମ୍ପ ପ୍ରଭାବିତ୍ ମ୍ୟାଁମାର୍ କେ ଭାରତ୍ ସର୍କାର୍ ରାତାରାତି ରିଲିଫ୍ ସାହାଜ୍ ପଠେଇଛନ୍ । ଅପରେସନ୍ 'ବ୍ରହ୍ମା'

ଜରିଏ ଗଲାରାତି ଭାରତୀୟ ବାୟୁସେନାର୍ ବିମାନ୍ ପାଖାପାଖି ୧୫ ଟନ୍‌ର ସାହାଜ୍ ଦରବ୍ ନେଇକରି ମ୍ୟାଁମାର୍ କେ ଯାଇଥିଲା । ସେନ୍ତା ଆହୁରି ସାହାଜ୍ ଦରବ୍ ଧରିକରି ଭାରତୀୟ ସେନାର୍ ୨ ଟା ଜାହାଜ୍ ମ୍ୟାଁମାର୍ ଯାତ୍ରା କରିଛେ । ରିଲିଫ୍ ଆର୍ ଉଦ୍ଧାର୍ କାମ୍ ଲାଗି ଏନ୍‌ଡିଆର୍‌ଏଫ୍‌ର ୮୦ ଝନିଆ ଦଲ୍ ଯାଇଛନ୍ ବଲି ବୈଦେଶିକ୍ ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ମ୍ୟାଁମାର୍ ଆର୍ ଥାଇଲାଣ୍ଡ୍‌ର ନାଗରିକଙ୍କର୍ ସୁରକ୍ଷା ଲାଗି ପ୍ରାର୍ଥନା କରିଛନ୍ । ଭାରତ୍ ସବୁ ପ୍ରକାର୍ ସାହାଜ୍ କର୍‌ବାର୍ ଲାଗି ତୟାର୍ ଅଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ମ୍ୟାଁମାର୍ ନ ଗଲାକାଏଲ୍ ହେଇଥିବା ଭୂମିକମ୍ପଥି ମୃତ୍ୟୁ ସଂଖ୍ୟା ୬ ଶହ ୯୪ ଟପିଛେ । ରିକ୍ଟର୍ ସ୍କେଲ୍‌ଥି ଭୂମିକମ୍ପର୍ ତୀବ୍ରତା ୭ ଦଶ୍‌ମିକ ୭ ରହିଥିଲା ।

ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା          କଲାହାଣ୍ଡି ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ କଲାହାଣ୍ଡି ଜିଲ୍ଲା ନ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଭବାନୀପାଟ୍‌ନା କ୍ରୀଷ୍ଟାନଗର୍ ପଡ଼ିଆଠାନେ ହେବାର୍‌କେ ଥିବାର୍ ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଜ୍‌ନା

ଜରିଏ ପହେଲା ଖେପେ ରାଜ୍ୟର୍ ୫୦ ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ସାହାଜ୍ ବାଂଟ୍‌ବେ । ଇଥି କଲାହାଣ୍ଡି ଜିଲ୍ଲାର୍ ୩ ହଜାର୍ ୨ ଶହ ହିତାଧିକାରୀ ଉପକୃତ ହେବେ । ଇତାର୍‌ସହେତେ ଜିଲ୍ଲା ନ ୫ ଶହ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଶିଲାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲାପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ସରିଛେ । ଇ ବାବ୍‌ଦେ ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ କହିଛନ୍...

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ବିଧାନ୍‌ସଭା- ସମାନ୍ ଭୂମି ନୀତି ଆର୍‌ଏନ୍‌ୟୁ କଟକ୍

ରାଏଜେ ୩ ମାସ୍ ଭିତ୍‌ରେ ନୂଆଁ 'ସମାନ୍ ଭୂମି ନୀତି' - ୟୁନିଫର୍ମ ଲେଣ୍ଡ୍ ପଲିସି ଅନାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଶ୍ରୀ ଜଗନ୍ନାଥଙ୍କର୍ ଜମି ବିବାଦ୍ ୨ ବଛର୍ ଭିତ୍‌ରେ ସମାଧାନ୍ କରାଯିବା । ଶ୍ରୀଜଗନ୍ନାଥଙ୍କର୍ ଜମି ଦଖଲ୍ କରିଥିବାର୍ ଲୁକ୍‌କୁ ଭୂମି ବନ୍ଦୋବସ୍ତ କରାଯିବା । ଯେନ୍‌ମାନେ ବହୁତ୍ ବଛର୍ ଶ୍ରୀଜଗନ୍ନାଥଙ୍କର୍ ଜମି ଦଖଲ୍ କରିଥିଲେ, ସେମାନ୍‌କୁ ଶହେ ଡିସ୍‌ମିଲ୍ ଜାଗା

ରିହାତି ଦାମ୍‌ରୁ ସରକାର୍ ଦେବେ । ବାକି ଜମି ଉପ୍‌ରେ ଅର୍ଥ ଆଦାୟ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସୁଭଦ୍ରା ଯୋଜ୍‌ନାନୁ ୧ ଲାଖ୍ ୮୩ ହଜାର୍ ୭ ଶହ ୮୫ ଝନ ଆବେଦନ୍‌କାରୀ ବାଦ୍ ପଡ଼ିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ବିଧାନ୍‌ସଭା ନ କହିଛନ୍ । ସେ କହିଛନ୍, ପହେଲା କିସ୍ତିରୁ ୧ କୋଟି ୬୫ ହଜାର୍ ୮ ଶହ ୭୭ ଝନ୍ ମହିଲା ସାହାଜ୍ ଟଙ୍କା ପାଇଥିଲେ । ରାଜ୍ୟ ସର୍‌କାର୍ ଇ ବାବ୍‌ଦେ ୫ ହଜାର୍ ୩୨ କୋଟି ୯୩ ଲାଖ୍ ଟଙ୍କା ଦେଇଛନ୍ । ସେନ୍ତା ୨ ନମ୍ବର୍ କିସ୍ତିରୁ ହିତାଧିକାରୀମାନ୍‌କୁ ୪ ହଜାର୍ ୯ ଶହ ୪୧ କୋଟି ୪ ଲାଖ୍ ଟଙ୍କା ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ- ପର୍ଯ୍ୟଟନ୍ ଆର୍‌ଏନ୍‌ୟୁ/ କଟକ୍

୨୦୧୯- ନୁ ୨୦୨୪ ମସିହା ଭିତ୍‌ରେ ୪ କୋଟି ୮୪ ଲାଖ୍ ୧୦ ହଜାର୍‌ନୁ ଅଏତ୍‌କା ପର୍ଯ୍ୟଟକ ରାଜ୍ୟର୍ ଭିନ୍ ଭିନ୍ ପର୍ଯ୍ୟଟନ୍‌ସ୍ଥଲୀ ବୁଲିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାୟକ୍ ଅରୁଣ୍ ସାହୁଙ୍କର୍ ଗୁଟେ ପ୍ରଶ୍ନର୍

ଉତରୁଥି ମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ଇ ସମିଆ ଭିତ୍ରେ ୨ ଲାଖ୍ ୨୩ ହଜାର୍ ୬ ଶହ ୨୫ ଝନ୍ ବିଦେଶୀ ପର୍ଯ୍ୟଟକ୍ ରାଏଜେ ବୁଲିଛନ୍ । ବିଶ୍ୱ ପର୍ଯ୍ୟଟନ୍ ମାନଚିତ୍ରୁଥି ରାଜ୍ୟର୍ ଥିତିକେ ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ବହୁତ୍‌ଟେ ରଣନୀତି କାର୍ଯ୍ୟକାରୀ କରୁଛନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-କଏଦୀଙ୍କର୍ ପିଲା ପାଠ୍‌ପଢ଼ା

ଆର୍‌ଏନ୍‌ୟୁ/ କଟକ୍

କଏଦୀମାନ୍‌କର୍ ପିଲାକର୍ ପାଠ୍‌ପଢ଼ା ଲାଗି ମହିଲା ଶିଶୁ ବିକାଶ୍ ବିଭାଗ୍ ନ ଖାସ୍ ନିର୍ଦ୍ଦେଶାବଲୀ ରହିଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ମହିଲା ଶିଶୁ ବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍, ୩ ଶହ ୩୮ ଝନ୍ କଏଦୀଙ୍କର୍ ପିଲାମାନ୍‌କୁ ଚିହ୍ନଟ୍ କରାଯାଇକରି ୨ ଶହ ୪୦ ଝନ୍ ଛୁଆକୁ ଶିଶୁ ଯତ୍ନ କେନ୍ଦ୍ର ନ ରଖାଯାଇଛେ । ବାକି ଶହେ ୪୩ ଝନ୍‌କୁ ପରିବାର୍ ଲୁକ୍‌କର୍ ପାଖେ ରଖିକରି ଶିକ୍ଷା ଖର୍ଚ୍ଚା ଦିଆଯାଉଛେ । ସେମାନ୍‌କର୍ ଭିତ୍ରେ ୬ ବଛରର୍ ଛୁଆମାନ୍‌କୁ ଅଙ୍ଗନବାଡ଼ି ମାନ୍‌କେ ପାଠ୍ ପଢ଼ାବାର୍ ବ୍ୟବସ୍ଥା କରାଯାଇଛେ । ୬ ନୁ ୧୮ ବର୍ଷର୍ ପିଲାମାନ୍‌କୁ ମିଶନ୍ ବାତ୍ସଲ୍ୟ ଯୋଜ୍‌ନା ଜରିଏ ପାଠ୍‌ପଢ଼ା ସୁବିଧା

ଦିଆଯାଉଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଶହୀଦ୍ ଲକ୍ଷ୍ମଣ ନାଏକ ଆର୍ଏନ୍ୟୁ/ କଟକ୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାଏକଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ୍ ଆଏଜ୍ ପାଲିତ୍ ହେଇଯାଇଛେ । ଭୁବ୍ନେଶ୍ୱର୍ ଆଦିବାସୀ ପଡ଼ିଆଠାନେ ଆଉ କଳିଙ୍ଗ ହସ୍ପିଟାଲ୍ ପାଖେ ଥିବା ଶହୀଦ୍ ଲକ୍ଷ୍ମଣ ନାଏକଙ୍କର୍ ପ୍ରତିମୂର୍ତିଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଲ୍ୟାର୍ପଣ୍ କରିଥିଲେ । ଇ ଅବ୍ସରେ ଶହୀଦ୍ଙ୍କର୍ ସ୍ମୃତି ଚାରଣ୍ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ମହାନ୍ ଜନଜାତି ନାୟକ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର୍ ବଳିଦାନ୍ ଦିବସ୍ ଅବ୍ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ତାଙ୍କର୍ ତ୍ୟାଗ, ବଳିଦାନ୍ ଆଉ ଦେଶ୍ପ୍ରେମ ରାଜ୍ୟବାସୀଙ୍କର୍ ଭିତ୍ରେ ଅମର୍ ହେଇକରି ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଲ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ-ପୁରୀ ପୁରୀ ସମ୍ବାଦଦାତା

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ପହେଲା ପୁରୀ ଶ୍ରୀମନ୍ଦିରକେ ଯାଇଥିଲେ । ମାହାପୁରମାନଙ୍କର ଦର୍ଶନ୍ କର୍‌ବାର୍ ଉତ୍‌ରୁ ଦିଲ୍ଲୀନ ରହୁଥିବା ଓଡ଼ିଆମାନଙ୍କର ଦାୟିତ୍ୱ ତାଙ୍କର ସରକାରଙ୍କର ଆଏ ବଲି କହିଛନ୍ । ତାର୍ ଉତ୍‌ରୁ ସେ ଭୁବନେଶ୍ୱର ଫିରିକରି ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ସମ୍ବଲପୁର୍ ସମ୍ବାଦଦାତା

ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜ୍‌ନାଥି ଆଏଜ୍ ସମ୍ବଲପୁର ରେଲ୍ ଷ୍ଟେସନ୍‌ଠାନୁ ଭିନ୍ ଭିନ୍ ଜିଲ୍ଲାର ୭ଶହ ୭୫ ଝନ୍ ତୀର୍ଥଯାତ୍ରୀ ଅଯୋଧ୍ୟା-ବାରାଣସୀକେ ଯାତ୍ରା କରିଛନ୍ । ତୀର୍ଥଯାତ୍ରୀ ଟ୍ରେନ୍‌କେ ଉତରାଂଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ଇଥି ସମ୍ବଲପୁର ଜିଲ୍ଲାର ୮୯ ଝନ୍, ସୁବର୍ଣ୍ଣପୁର ଜିଲ୍ଲାର ୫୨, ଦେବଗଡ଼ ଜିଲ୍ଲାର ୨୭, ଅନୁଗୋଳ ଜିଲ୍ଲାର ଶହେ ୯, ଝାରସୁଗୁଡ଼ା ଜିଲ୍ଲାର ୫୦, ସୁନ୍ଦରଗଡ଼ ଜିଲ୍ଲାର ଶହେ ୮୦, ବଲାଙ୍ଗୀର ଜିଲ୍ଲାର ଶହେ ୪୧ ଆଉ ବରଗଡ଼ ଜିଲ୍ଲାର ଶହେ ୨୭ ଝନ୍ ଯାତ୍ରୀ ସାମିଲ୍ ଅଛନ୍ ।

ବାର୍ ଆସୋସିଏସନ୍ ନିର୍ବାଚନ୍ /ନୂଆପଡ଼ା/ଦେବ୍‌ଗଡ଼୍/ ସୁବର୍ଣ୍ଣପୁର୍

ଓଡ଼ିଶା ହାଇକୋର୍ଟ ସହେତେ ରାଜ୍ୟର୍ ଶହେ ୫୬ ଟା ଓକିଲ୍ ସଂଘ ନ ଆଏଜ୍ ସଭାପତି, ସମ୍ପାଦକ୍ ସଙ୍ଗେ ଭିନ୍ ଭିନ୍ ପଦ୍ ପଦ୍‌ବୀର୍ ଲାଗି ନିର୍ବାଚନ୍ ହେଇଯାଇଛେ ।

ନୂଆପଡ଼ା ଜିଲ୍ଲା ଓକିଲ ସଂଘର୍ ନିର୍ବାଚନ୍‌ଥି ଉପସଭାପତି ଭାବେ କ୍ଷୀତିଶ୍ ଅଶୋକ ବୋଧନ୍‌କର, ଯୁଗ୍ମ ସମ୍ପାଦକ୍ ଭାବେ ଅଜୟ ଦୁବେ ଆଉ କୋଷାଧ୍ୟକ୍ଷ ଭାବେ ଯୋଗେଶ ସାହୁ ନିର୍ଦ୍ୱନ୍ଦ୍ୱଥି ନିର୍ବାଚିତ୍ ହେଇଛନ୍ । ଜିଲ୍ଲାର ଖଡ଼ିଆଳ ଜୁଡିସିଆଲ୍ ବାର୍ ଆସୋସିଏସନ୍‌ର ସଭାପତି ଭାବେ ପ୍ରତାପ କିଶୋର ଜଗତ୍ ଜିତିଛନ୍ । ଉପସଭାପତି ଭବେଶ କୁମାର ପାଣିଗ୍ରାହୀ, ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ଯୁଗ୍ମ ସମ୍ପାଦକ୍ ବାଂଛାନିଧି ବେହେରା ଆଉ କୋଷାଧ୍ୟକ୍ଷ ଭାବେ ଟେକେଶ୍ୱର ବେହେରା ନିର୍ଦ୍ୱନ୍ଦ୍ୱଥି ବିଜୟୀ ହେଇଛନ୍ ।

ଦେବ୍‌ଗଡ଼୍ ଓକିଲ୍ ସଂଘର୍ ନିର୍ବାଚନ୍‌ଥି ସଭାପତି ଭାବେ ସଚ୍ଚୀକାନ୍ତ ଦାସ ବିଜୟୀ ହେଇଛନ୍ ।  ଉପସଭାପତି ଭାବେ ପୃଥ୍ୱୀରାଜ୍ ପଟ୍ଟନାୟକ୍ ଆର୍ ସମ୍ପାଦକ୍ ଭାବେ ସିଦ୍ଧେଶ୍ୱର୍ ଗୁରୁ ନିର୍ଦ୍ୱନ୍ଦଥି ଜିତିଛନ୍ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ଓକିଲ୍ ସଂଘର୍ ସଭାପତି ଭାବେ ପ୍ରତାପ୍ ପୁରୋହିତ୍ ଆର୍ ସମ୍ପାଦକ୍ ଭାବେ ଗଦାଧର ନେଗି ନିର୍ବାଚିତ୍ ହେଇଛନ୍ । ଜିଲ୍ଲାର୍ ବୀର୍ମହାରାଜ୍ପୁର୍, ବିନ୍କା, ଏସ୍.ରାମ୍ପୁର୍, ତରଭା ଆର୍ ଡୁଙ୍ଗୁରିପାଲି ଓକିଲ୍ ସଂଘର୍ ନିର୍ବାଚନ୍ ଭିଲ୍ ହେଇଯାଇଛେ ।

ନିପୁଣ ଓଡ଼ିଶା ମେଳା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍କାରୀ ବାଳିକା ଉଚ୍ଚବିଦ୍ୟାଳୟ ଠାନେ ସମଗ୍ର ଶିକ୍ଷା ତର୍ଫୁ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଆଉ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ନିଜର୍ ନିଜର୍ ତିଆର୍ ପ୍ରକଳ୍ପ ପ୍ରଦର୍ଶନ୍ କରିଥିଲେ । କୃତି ପ୍ରତିଯୋଗୀମାନ୍କୁ ଇ ଅବ୍ସରେ ପୁରସ୍କୃତ୍ କରାଯାଇଛେ ।

ସୁବର୍ଣ୍ଣପୁର୍- ଦଣ୍ଡ ଯାତ୍ରା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ପୁରାତନ୍ କଳା ଆଉ ସଂସ୍କୃତିର୍ ମାଏଟ୍ ସୁବର୍ଣ୍ଣପୁରର୍ ଶୈବ ଆଉ ଶାକ୍ତ ପରମ୍ପରାକେ ନେଇକରି ହଉଥିବା ଦଣ୍ଡ ଯାତ୍ରା ଇହାଦେ ଜିଲ୍ଲାବ୍ୟାପୀ ଚାଲିଛେ । ଜିଲ୍ଲାର ଭିନ୍ ଭିନ୍

ଶିବାଳୟନୁ ବାହାରିଥିବା ରୁଦ୍ରକାଳୀ, ଘାଟ ଦଣ୍ଡ, ନିଶା ଦଣ୍ଡ ସଙ୍ଗେ ରାତି ଷୁଲ୍‌ହ ସୁଆଙ୍ଗ ଦଣ୍ଡ ନୃତ୍ୟ ପରିବେଷଣ୍ କରୁଛନ୍ । ଅଷ୍ଟମ, ନବମ ଶତାବ୍ଦୀନୁ ସୁବର୍ଣ୍ଣପୁରର୍ ସେତେବେଲର୍ ରାଜାମାନ୍‌କର୍ ପୃଷ୍ଠପୋଷକତାଥି ହେଇଆସୁଥିବା ଇ ଧାର୍ମିକ ଲୋକସଂସ୍କୃତି ତାର୍ ପରମ୍ପରାକେ ଇହାଦେ ଭିଲ୍ ସମ୍ଭଲେଇକରି ରଖିଛେ ।

ଦକ୍ଷତା ବିକାଶ୍ ତାଲିମ୍-କଲାହାଣ୍ଡି        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ବ୍ଲକ୍ ଯୁଗସାଇପାଟ୍‌ନାଠାନେ ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ଦିନ୍‌କିଆ ଦକ୍ଷତା ବିକାଶ୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଇଲାକାର୍ ଲୁକ୍‌କୁ ପେପର୍ ପ୍ଲେଟ୍, ଅଗର୍‌ବତୀ ଆର୍ ମହମ୍‌ବତୀ ତିଆରି ତାଲିମ୍ ଦିଆଯାଇଥିଲା । ଇତାର୍‌ସହେତେ ଇସବୁ ଜିନିଷ୍ ବନାବାର୍ ଲାଗି ମିସିନ୍ ଆଉ ଭିନ୍ ଭିନ୍ ଦରବ୍ ବଂଟାଯାଇଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଆର୍ ଭିତ୍‌ରିଆ ଜିଲ୍ଲାମାନ୍‌କେ ଆଏବା ୨ ଦିନ୍‌ତକ୍ ଜବର୍ ଖରା ଜାରି ରହେବା । ଇ ଜିଲ୍ଲାମାନ୍‌କର୍ କେତେଟା

ଜାଗା ନ ତାତି ୪୩ ଡିଗ୍ରୀ ଉପ୍ରେ ରହେବା । ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଭିଲ୍ ତାତି ୪୦ ଡିଗ୍ରୀ ଉପ୍ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସମ୍ବଲ୍‌ପୁର୍ ନ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ୪୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ହୀରାକୁଦ୍ ନ ୪୧ ଦଶ୍‌ମିକ୍ ୭, ଝାର୍‌ସୁଗୁଡ଼ା ନ ୪୧ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ।